# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 1 August – 2026

******************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାକୁ ଅଗ୍ରୀମ ଅର୍ଥ ରାଶି ବାବଦରେ ୪ ହଜାର ୮୧୯ କୋଟି ଟଙ୍କା ପ୍ରଦାନ କଲେ କେନ୍ଦ୍ର ସରକାର

– ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଏହି ସହାୟତା ପଥପ୍ରଶସ୍ତ କରିବ; କହିଲେ ମୁଖ୍ୟମନ୍ତ୍ରୀ

- ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚାଲିଛି ରାଜ୍ୟ କ୍ୟାବିନେଟ୍ ବୈଠକ

- ରାଜ୍ୟର ବନ୍ୟାବିପନ୍ନଙ୍କୁ ଆସନ୍ତା ୩ ଦିନ ମଧ୍ୟରେ ସହାୟତା ରାଶି ପ୍ରଦାନ କରିବେ ସରକାର

ଏବଂ

- ପର୍ଯ୍ୟଟକଙ୍କ ପାଇଁ ଆଜିଠାରୁ ଖୋଲିଲା ଭିତର କନିକା ଜାତୀୟ ଉଦ୍ୟାନ

Desk

# କେନ୍ଦ୍ରର ରାଜ୍ୟକୁ ଅର୍ଥ ପ୍ରଦାନ

ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିକୁ ମଜଭୁତ, ପୁଞ୍ଜି ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାର ୨୮ଟି ରାଜ୍ୟକୁ ଟ୍ୟାକ୍ସ ବାବଦରେ ଅଗ୍ରୀମ ୧ ଲକ୍ଷ ୯ ହଜାର ୧୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ଓଡ଼ିଶାକୁ ୪ ହଜାର ୮୧୯ କୋଟି ଟଙ୍କା ମିଳିଛି। ଏଥିସହିତ ଆସନ୍ତା ୧୦ ତାରିଖରେ ରାଜ୍ୟଗୁଡ଼ିକୁ ସେମାନଙ୍କ ସ୍ୱାଭାବିକ ଆବଣ୍ଟନ ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ମିଳିଥିବା ଅତିରିକ୍ତ ଅର୍ଥରାଶିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି, ଏହି ଅର୍ଥରାଶି ଓଡ଼ିଶାର ଜନସାଧାରଣଙ୍କ ବିକାଶ ଏବଂ ସମୃଦ୍ଧିରେ ବିଶେଷ ସହାୟକ ହେବ। ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଏହା ପଥପ୍ରଶସ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

BBSR/R

# କ୍ୟାବିନେଟ୍

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଜାରି ରହିଛି। ବୈଠକରେ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିବା ନେଇ ସୂଚନା ମିଳିଛି। ଏଥିରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ମୁଖ୍ୟମନ୍ତ୍ରୀ– ବନ୍ୟା

ବନ୍ୟା ଭଳି ସଂକଟମୟ ପରିସ୍ଥିତିରେ ରାଜ୍ୟବାସୀଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆକାଶମାର୍ଗରୁ ଆଜି ବନ୍ୟା ପ୍ରଭାବିତ ୫ଟି ଜିଲ୍ଲାର ୧୨ରୁ ଊର୍ଦ୍ଧ୍ୱ ବ୍ଲକର ସ୍ଥିତି ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବନ୍ୟାପାଣି ହ୍ରାସ ପାଇବାର ତିନିଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀ ଓ ଘର ଭାଙ୍ଗିଥିବା ପରିବାରଙ୍କୁ ତୁରନ୍ତ ସହାୟତା ପ୍ୟାକେଜ ଯୋଗାଇ ଦିଆଯିବ। ଏଥିସହ ବିପର୍ଯ୍ୟସ୍ତ ରାସ୍ତାଘାଟର ମରାମତି ଓ ବନ୍ୟ ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ପାଇଁ ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ବିପର୍ଯ୍ୟୟ ପରି ଏହି ବନ୍ୟାରେ ଶୂନ୍ୟ ମୃତାହତକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବନ୍ୟାରେ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୨ ଲକ୍ଷ ୬୯ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ପାଣି ଛାଡ଼ିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**- V/O -**

ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଭାବିତ ଗ୍ରାମାଞ୍ଚଳରେ ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା

ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଭାବିତ ପାନୀୟ ଜଳ ଉତ୍ସଗୁଡ଼ିକର ବିଶୋଧନ, ପାଇପ ଜଳଯୋଗାଣ, ପ୍ରକଳ୍ପ ଗୁଡ଼ିକର ପୁନରୁଦ୍ଧାର ଏବଂ ସ୍ୱାଭାବିକ ଜଳଯୋଗାଣ ବାଧାପ୍ରାପ୍ତ ହେଉଥିବା ସ୍ଥାନରେ ବିକଳ୍ପ ପାନୀୟ ଜଳ ଯୋଗାଣ ପାଇଁ କ୍ଷେତ୍ରସ୍ତରୀୟ ଟିମ୍‌କୁ ନିୟୋଜିତ କରାଯାଇଛି।

ବନ୍ୟା ସମୟରେ ପ୍ରାଣୀସମ୍ପଦଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ବନ୍ୟା ପରିସ୍ଥିତିରେ ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା, ଗୋଖାଦ୍ୟ ଓ ଚିକିତ୍ସା ସମ୍ବନ୍ଧୀୟ ସହାୟତା ପାଇଁ ୭୨୦୫୫୯୮୧୨୫ ନମ୍ବରକୁ ଯୋଗାଯୋଗ କରିପାରିବେ।

ମହାନଦୀରେ ଆଗକୁ ବର୍ଷା ନ ହେବା ଯାଏଁ ବନ୍ୟା ଆଶଙ୍କା ନାହିଁ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ବୈତରଣୀ ସମେତ ଅନ୍ୟ ସମସ୍ତ ନଦୀରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ତ ଘାଇକୁ ୭ ଦିନ ମଧ୍ୟରେ ମରାମତି କରାଯିବ। ମୌସୁମୀ ପୂର୍ବରୁ ସମସ୍ତ ନଦୀ ବନ୍ଧର ଯାଞ୍ଚ ହୋଇଥିଲା। ବୈତରଣୀରେ ବିପଦ ସଂକେତ ଉପରେ ଜଳ ପ୍ରବାହ ଯୋଗୁଁ ଘାଇ ସୃଷ୍ଟି ହୋଇଛି। ଏ ନେଇ ସରକାରଙ୍କୁ ରିପୋର୍ଟ ଦିଆଯାଇଛି ବୋଲି ଶ୍ରୀ ରାଉତ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟାର ବିଭିନ୍ନ ଉନ୍ନୟନ ଅଧିକାରୀଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି ।

Desk

## ଖୋଲିବ ଭିତରକନିକା

ଭିତରକନିକା ଜାତୀୟ ଉଦ୍ୟାନ ଆଜି ପର୍ଯ୍ୟଟକଙ୍କ ପାଇଁ ଖୋଲିଛି । ଏ ନେଇ ରାଜନଗର ବନଖଣ୍ଡ ପକ୍ଷରୁ ସୂଚନା ମିଳିଛି । ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ ପରିବେଶ ଅନୁକୂଳ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ପ୍ରକାରର ବ୍ୟବସ୍ଥା କରାଯାଇଛି । କୁମ୍ଭୀର ପ୍ରଜନନ ପାଇଁ ଗତ ମେ’ ମାସ ୧ ତାରିଖରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ତିନି ମାସ ଧରି ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିଥିଲା ।

Desk

## ବାର୍ତ୍ତାଳାପ କାର୍ଯ୍ୟକ୍ରମ

ପୁରୀସ୍ଥିତ ସ୍ୱାମୀ ନାରାୟଣ ମନ୍ଦିରଠାରେ ଅଙ୍ଗନବାଡ଼ିକର୍ମୀଙ୍କ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମା ଓ ଶିଶୁଙ୍କ ପୋଷଣ, ସ୍ୱାସ୍ଥ୍ୟ ଓ ସୁରକ୍ଷା ସୁନିଶ୍ଚିତ କରିବାରେ ଅଙ୍ଗନବାଡ଼ିକର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଛନ୍ତି । ଏହି ଅବସରରେ ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜରମାନେ କ୍ଷେତ୍ରସ୍ତରର ଅନୁଭୂତି, ବିଭିନ୍ନ ସମସ୍ୟା ଏବଂ ସେଗୁଡ଼ିକର ସମାଧାନ ସମ୍ପର୍କରେ ମତ ରଖିଥିଲେ ।

Desk

## ରାଷ୍ଟ୍ରପତି ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ସୋମବାରଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୁରକ୍ଷା ଦାୟିତ୍ୱରେ ପ୍ରାୟ ୪୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ । ରାଷ୍ଟ୍ରପତି ମଙ୍ଗଳବାର ଦିନ ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ ବ୍ରହ୍ମପୁର ଗସ୍ତ କରିବେ ବୋଲି ଜଣାପଡ଼ିଛି । ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଲିସ କମିଶନର ଏସ୍.ଦେବଦତ୍ତ ସିଂହ କହିଛନ୍ତି...

**- V/O –**

Desk

## ମୁଖ୍ୟମନ୍ତ୍ରୀ– ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଦିନ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଜନଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ।

Malkangiri

## ଆଟ୍ ହୋମ୍ ପାର୍ଟି

ମାଲକାନଗିରି ଜିଲ୍ଲା ଖଇରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଅଣ୍ଡ୍ରାହଲ୍ ଉପକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଦୁର୍ଗାପ୍ରସାଦ ସାହୁଙ୍କୁ ରାଷ୍ଟ୍ରପତି ଭବନର ଆଟ୍ ହୋମ୍ ପାର୍ଟି ପାଇଁ ନିମନ୍ତ୍ରଣ ମିଳିଛି । ଶ୍ରୀ ସାହୁ ଦୀର୍ଘ ୧୩ ବର୍ଷ ଧରି ବଣ୍ଡା ଜନଜାତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି । ଗମନାଗମନର ସୁବିଧା ନ ଥିବା ସତ୍ତ୍ୱେ ସେ ଘରକୁ ଘର ଯାଇ ମ୍ୟାଲେରିଆ, ଯକ୍ଷ୍ମା, ଡେଙ୍ଗୁ ରୋଗର ନିରାକରଣ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି । ପ୍ରାୟ ୪ ହଜାର ୩୨୯ ଜଣଙ୍କୁ ସେ ସ୍ୱାସ୍ଥ୍ୟସେବା ଯୋଗାଇ ନିଷ୍ଠାର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥିବା ଯୋଗୁଁ ତାଙ୍କୁ ଏହି ସମ୍ମାନଜନକ ସୁଯୋଗ ମିଳିଛି ।

ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ପାଇଥିବାରୁ ସେ ଖୁସି ବ୍ୟକ୍ତ କରି ପ୍ରତିକ୍ରିୟାରେ କହିଛନ୍ତି....

**- V/O –**

Gajapati

# ଶିଶୁ ଚାଲାଣ ରୋକିବା

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁରସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶିଶୁ ସୁରକ୍ଷା ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୟୁନିଟ୍‌ର ଜିଲ୍ଲା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଯୋଗଦେଇ ଶିଶୁ ଚାଲାଣ ଅପରାଧକୁ ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ ।

Kalahandi

## ନିଶାମୁକ୍ତ ଯୁବ ସଚେତନତା

କଳାହାଣ୍ଡି ଜିଲ୍ଲା ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ‘ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ’ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶର ବିକାଶରେ ଯୁବପିଢ଼ିଙ୍କ ଭୂମିକା ଏବଂ ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା ଉପରେ କାର୍ଯ୍ୟକ୍ରମରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

Debagada

## ଜିଲ୍ଲାସ୍ତରୀୟ କମିଟି ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ, କଳାମାଟିର ଜିଲ୍ଲାସ୍ତରୀୟ ନିର୍ମାଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିବିଧ ଛାତ୍ରାବାସ, ଛାତ୍ରୀ ନିବାସ, ଖେଳ ପଡ଼ିଆ, ରାସ୍ତା ନିର୍ମାଣ ନେଇ ଉପଲବ୍ଧ ପାଣ୍ଠିକୁ ତ୍ୱରିତ ଉପଯୋଗ ଉପରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

Debagada

## ପ୍ରଶିକ୍ଷଣ ଶିବିର

ଦେବଗଡ଼ ଜିଲ୍ଲା ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ନେଇ ଭୋଟର ତାଲିକା ଓ ସଂଶୋଧନ, ନାମ ପଞ୍ଜୀକରଣ ସମ୍ପର୍କିତ  ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ହୋଇଯାଇଛି । ଏଥିରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଫର୍ମ-୬ ଅନଲାଇନ୍ ଦାଖଲ ପାଇଁ ପରାମର୍ଶ ଦିଆଯାଇଛି ।

Nayagada

## ଟିବିମୁକ୍ତ ଭାରତ ଅଭିଯାନ

ନୟାଗଡ଼ ବ୍ଲକ ଭାଟସାହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଟିବି ମୁକ୍ତ ଭାରତ ଅଭିଯାନ 'ନିକ୍ଷୟ ମିତ୍ର' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଭାଗୀୟ ଚିକିତ୍ସା ଅଧିକାରୀ ଡକ୍ଟର ରଜତ କୁମାର ବେହେରା ଯୋଗଦେଇ ଟିବିରେ ଚିକିତ୍ସାଧୀନ ୭ ଜଣ ରୋଗୀଙ୍କୁ ପୋଷ୍ୟଭାବେ ଗ୍ରହଣ କରିଛନ୍ତି । ସମ୍ପୃକ୍ତ ରୋଗୀଙ୍କୁ ପୋଷଣ କିଟ୍ ବଣ୍ଟନ କରାଯାଇଛି ।

Boudh

## ଆଇନ ସେବା

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜରେ ଦୁର୍ବଳ ଓ ବଞ୍ଚିତ ବର୍ଗର ଲୋକମାନଙ୍କ ନିକଟରେ ନିଃଶୁଳ୍କ ଆଇନସେବାର ସୁବିଧା ପହଁଞ୍ଚାଇବା ସମ୍ପର୍କରେ ଏଥିରେ ଜନସାଧାରଣଙ୍କୁ ଅବଗତ କରାଯାଇଛି ।

Ganjam

## ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ଆସିକା ବିଜ୍ଞାନ ମହାବିଦ୍ୟାଳୟ ବୃତ୍ତି ପରାମର୍ଶ ପରିଷଦ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହୋଇଯାଇଛି । ଏଥିରେ

ଶିକ୍ଷାର୍ଥୀମାନଙ୍କୁ ଦକ୍ଷତା ବିକାଶ ଏବଂ ଜ୍ଞାନ ଆହରଣର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।